# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଏକ ମନୁଷ୍ୟ ଯେ ନତ ହେଲେନାହିଁ


ଲେଖକ: Edward Hughes
ଦୃଷ୍ଟାନ୍ତ: Jonathan Hay
ଅନୁବାଦକ: Prasanta Bhuyan
ଉପଯୋଜକ: Mary-Anne S.



କାହାଣୀ ୬୦ ରୁ ୩୩

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya

ରାଜା ନବୁଖଦନିତ୍ସର ଶୁଦ୍ଧ ଏକ ପ୍ରକାଣ୍ଡ ସୁବର୍ଣ୍ଣ ପ୍ରତିମା ନିର୍ମାଣ କଲେ । ତାହାର ମସ୍ତକରୁ ପାଦ ପର୍ଯ୍ୟନ୍ତ ସ୍ୱର୍ଣ୍ଣମୟ ଥିଲା । ହୋଇପାରେ ସେ ତାଙ୍କ ସ୍ୱପ୍ନକଥା ପାଶୋରିଗଲେ ଯାହା ତାଙ୍କ ରାଜ୍ୟ ବିଷୟରେ ବର୍ଣ୍ଣୀତ ଥିଲା ଯେ ତାଙ୍କ ରାଜ୍ୟ ଚିରସ୍ଥାୟୀ ହେବନାହିଁ । ହୋଇପାରେ ସେ ଭାବଲେ ଯଦି ମୁଁ ସଂପୂର୍ଣ୍ଣ ସ୍ୱର୍ଣ୍ଣରେ ପ୍ରତିମା ନିର୍ମାଣ କରିବି ତେବେ ସଦାପ୍ରଭୁଙ୍କ ବାକ୍ୟ ସଫଳ ହୋଇ ନପାରେ ।



1

ରାଜାଙ୍କ ଦାସମାନଙ୍କ ମଧ୍ୟରୁ ଜଣେ ସେହି ଆଜ୍ଞାପତ୍ର ପାଠ କଲେ ... ତୁମ୍ଭେମାନେ ରାଜାଙ୍କର ସ୍ୱର୍ଣ୍ଣ ନିର୍ମୀତ ପ୍ରତିମାକୁ ଉବୁଡ଼ ହୋଇ ପ୍ରଣାମ କରିବ ... ପୁଣି ଯେକେହି ସେହି ପ୍ରତିମା ଛାମୁରେ ଉବୁଡ଼ ହୋଇ ପ୍ରଣାମ ନ କରିବ ସେ ତାହାକୁ ପ୍ରଜ୍ୱଳିତ ଅଗ୍ନିକୁଣ୍ଡରେ ନିକ୍ଷେପ୍ତ ହେବେ ।



2


ସମସ୍ତେ ରାଜାଙ୍କ ଆଜ୍ଞା ଆନୁସେରେ କର୍ମ କଲେ, ମାତ୍ର ସେଠାରେ ତିନିଲୋକ ଥିଲେ ସେମାନେ ତାହାର ପ୍ରତିମାକୁ ଉବୁଡ଼ ହୋଇ ପ୍ରଣାମ କଲେନାହିଁ । ସେମାନେ ଏବ୍ରୀୟ ଥିଲେ । ସେମାନଙ୍କର ନାମ ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋ ଥିଲା, ସେମାନେ ଦାନିୟେଲଙ୍କର ସଂଙ୍ଗି ଥିଲେ ।
3


ଏଥିରୁ ଜଣାଯାଏ ସେହିସମୟରେ ଦାନିୟେଲ ସେଠାରେ ନ ଥିଲେ, ତା ନ ହେଲେ ସେ ମଧ୍ୟ ସେହି ମନୁଷ୍ୟ ଗଢ଼ା ପ୍ରତିମାକୁ ପ୍ରଣାମ କରି ନ ଥାଆନ୍ତେ ।
4


ରାଜାଙ୍କ ବୁଦ୍ଧିଜୀବୀ ଓ ପଣ୍ଡିତମାନେ ଦାନିୟେଲ ତାଙ୍କ ସଂଙ୍ଗିମାନଙ୍କୁ ଇର୍ଷ୍ୟା କଲେ କାରଣ ରାଜା ସେମାନଙ୍କୁ ଆଦର କଲେ । ତେଣୁ ସେମାନେ କହିଲେ, ଏଠାରେ ଏପରି ତିନିଲୋକ ଅଛନ୍ତି ଯେଉଁ ମାନଙ୍କୁ ଆପଣ ବାବିଲର ପ୍ରଦେଶ ଉପରେ କର୍ତ୍ତୃତ୍ୱ ଭାର ଦେଇଅଛନ୍ତି, ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋ ।
5


ହେ ମହାରାଜ ସେମାନେ ଆପଣାର ଆଜ୍ଞା ପାଳନ କରନ୍ତି ନାହିଁ । ସେମାନେ ଆପଣାର ଦେବଗଣର ସେବା କରନ୍ତି ନାହିଁ କିମ୍ବା ଆପଣାର ଖୋଦିତ ପ୍ରତିମାକୁ ଉବୁଡ଼ ହୋଇ ପ୍ରଣାମ କରନ୍ତି ନାହିଁ ।
6


ରାଜା ନବୁଖଦନିସ୍ର କୋପରେ ପରିପୂର୍ଣ୍ଣ ହେଲେ । ସେ ସେମାନଙ୍କୁ ସତର୍କ କଲେ, ଯଦି ତୁମ୍ଭେମାନେ ସେହି ପ୍ରତିମାକୁ ପ୍ରଣାମ ନ କର, ତେବେ ତୁମ୍ଭେମାନେ ପ୍ରଜ୍ୱଳିତ ଅଗ୍ନିରେ ନିକ୍ଷିପ୍ତ ହେବ । ଆଉ ଯେ ତୁମ୍ଭମାନଙ୍କୁ ମୋ ହସ୍ତରୁ ଉଦ୍ଧାର କରିବ, ଏପରି କେଉଁ ଦେବତା ଅଛି?
7


ରାଜା ବଡ଼ ଭୁଲ୍ କରିବାକୁ ଯାଉଥିଲେ । ସେ ସତ୍ୟରେ ଜୀବନ୍ତ ପରମେଶ୍ୱରଙ୍କ ବିରୁଦ୍ଧାଚରଣ କରୁଅଛନ୍ତି । ସେହି ତିନି ଏବ୍ରୀୟ ଜାଣିଥିଲେ ଯେ ପ୍ରତିମାକୁ ପ୍ରଣାମ କରିବା ସଦାପ୍ରଭୁଙ୍କ ଆଜ୍ଞା ଲଙ୍ଘନ ଅଟେ । ସେମାନେ ଠିଆହୋଇ ରହିଗଲେ । କାରଣ ସେମାନେ ସଦାପ୍ରଭୁଙ୍କ ଉପରେ ନିର୍ଭର କଲେ, ସେମାନେ ରାଜାଙ୍କୁ ଭୟ କରୁ ନ ଥିଲେ ।
8

ରାଜାଙ୍କ ନିମନ୍ତେ ସେହି ତିନି ନିର୍ଭୀକ ଲୋକଙ୍କ ପାଖରେ ଉତ୍ତର ଥିଲା । ସେମାନେ କହିଲେ, ଆମ୍ଭମାନଙ୍କର  ସେହି ପରମେଶ୍ୱର ଆମ୍ଭମାନଙ୍କୁ ପ୍ରଜ୍ୱଳିତ ଅଗ୍ନିକୁଣ୍ଡରୁ ରକ୍ଷା କରିବାକୁ ସମର୍ଥ ଅଟନ୍ତି ଓ ଆମ୍ଭମାନଙ୍କୁ ଉଦ୍ଧାର କରିବେ, ମାତ୍ର ଯେବେ ନ କରନ୍ତି, ତେବେ ହେଁ ହେ ମହାରାଜ ଆମ୍ଭେମାନେ ଯେ ଆପଣଙ୍କ ଦେବଗଣର ସେବା କିମ୍ବା ଆପଣଙ୍କ ସ୍ଥାପିତ ସୁବର୍ଣ୍ଣ ପ୍ରତିମାକୁ ପ୍ରଣାମ କରିବୁ ନାହିଁ ।



9

ରାଜା ନବୁଖଦନିତ୍ସର କୋପରେ ପରିପୂର୍ଣ୍ଣ ହେଲା, ସେ ଅଗ୍ନିକୁ ସାଧାରଣ ଅପେକ୍ଷା ସାତ ଗୁଣ ଉତପ୍ତ କରିବାକୁ ଆଜ୍ଞା ଦେଲେ । ତାଥାପି ସେମାନେ ପ୍ରଣାମ କଲେ ନାହିଁ ।



10

ସେଥିରେ ରାଜା ଆପଣା ସୌନ୍ୟମଧ୍ୟରୁ କେତେକ ବଳବାନ୍ ଲୋକକୁ ଶଦ୍ରକ, ମୈଶକ୍ ଓ ଅବେଦ-ନଗୋକୁ ବାନ୍ଧି ପ୍ରଜ୍ୱଳିତ ଅଗ୍ନିକୁଣ୍ଡରେ ନିକ୍ଷେପ କରିବାକୁ ଆଜ୍ଞା ହେଲେ ।



11

ଅଗ୍ନିକୁଣ୍ଡ ଅତିଶୟ ଉତପ୍ତ ଥିଲା, ଏଥିପାଇଁ ଯେଉଁ ଲୋକମାନେ ଶଦ୍ରକ, ମୈଶକ୍ ଓ ଅବେଦ-ନଗୋକୁ ସେହି ଅଗ୍ନି ମଧ୍ୟକୁ ନିକ୍ଷିପ୍ତ କଲେ ସେମାନେ ଅଗ୍ନି ଶିଖାରେ ହତ ହେଲେ ।



12

ରାଜା ନିରାପଦ ବ୍ୟବଧାନରେ ଠିଆ ହୋଇ ଦେଖୁଥଲା, ସେ ତିନିଜଣଙ୍କୁ ସେହି ପ୍ରଜ୍ୱଳିତ ଅଗ୍ନିମଧ୍ୟକୁ ଫିଙ୍ଗି ହେବାର ଦେଖିଥିଲା । ମାତ୍ର ସେ କିଛି ଅଲଗା ଦେଖିବାକୁ ପାଇଲା ।



13

ରାଜା ନବୁଖଦନିତ୍ସର ଚମତ୍କୃତ ହେଲା, ଆମ୍ଭେମାନେ କି ତିନି ଲୋକଙ୍କୁ ବାନ୍ଧି ଅଗ୍ନି ମଧ୍ୟରେ ପକାଇ ନ ଥିଲୁ, ରାଜା ତାହାର ସହୋଚର ମାନଙ୍କୁ କହିଲେ, ସେମାନେ ରାଜାଙ୍କୁ ଉତ୍ତର କରି କହିଲେ, ସତ୍ୟ ମହାରାଜ ।



14

ସେ କହିଲେ, ଦେଖ ମୁଁ
ଅଗ୍ନି ମଧ୍ୟରେ ଗମନ କରିବାର
ଚ଼ାରି ମୁକ୍ତ ଲୋକ ଦେଖୁଅଛି
ଓ ସେମାନଙ୍କର କୌଣସି
କ୍ଷତି ହୋଇନାହିଁ, ପୁଣି
ଚ଼ତୁର୍ଥ ଲୋକର ମୂର୍ତ୍ତୀ
ପରମେଶ୍ୱରଙ୍କ
ପୁତ୍ର ଶଦୃଶ ।



15

ସେତେବେଳେ ନବୁଖଦନିତ୍ସର ପ୍ରଜ୍ୱଳିତ ଅଗ୍ନିକୁଣ୍ଡର ମୁଖ
ନିକଟକୁ ଯାଇ କହିଲା, ହେ ସର୍ବପରିଷ୍ଠ ପରମେଶ୍ୱରଙ୍କର
ଦାସ ଶଦ୍ରକ, ମୌଶକ ଓ ଅବେଦ-ନୋଗୋ, ତୁମ୍ଭେମାନେ
ବାହର ହୋଇ ଏଠାକୁ ଆସ ତହିଁରେ ଶଦ୍ରକ, ମୌଶକ
ଓ ଅବେଦ-ନୋଗୋ, ଅଗ୍ନି ମଧ୍ୟରୁ ବାହର
ହୋଇ ଆସିଲେ ।



16

ସମସ୍ତେ ସେଠାରେ ଏକତ୍ର ହୋଇ ସେହି ତିନି ଜଣଙ୍କୁ ଅନାଇ ଦେଖିଲେ ଯେ ଅଗ୍ନି ସେମାନଙ୍କ ଶରିର ଉପରେ କିଛି ହିଁ ଶକ୍ତି ପ୍ରକାଶ କରିନାହିଁ । କିଅବା ସେମାନଙ୍କର ମସ୍ତକର କେଶ ହିଁ କିଛି ଦଗ୍ଧ ହୋଇନାହିଁ । ସେମାନଙ୍କ ଶରୀରରେ କୌଣସି ପ୍ରକାରର ଅଗ୍ନିର ଗନ୍ଧ ମଧ୍ୟ ନାହିଁ ।



17

ଯେତେବେଳେ ରାଜା ନବୁଖଦନିତ୍ସର ହୃଦୟଙ୍ଗମ କଲେ, ସେ କିଛି ଅତି ବୁଦ୍ଧିର କର୍ମ କଲେ । ସେ ପ୍ରର୍ଥନା କରି କହିଲେ, ଶଦ୍ରକ, ମୌଶକ ଓ ଅବେଦ-ନୋଗୋର ପରମେଶ୍ୱରଙ୍କର ଧନ୍ୟବାଦ ହେଉ, ଯେ ଆପଣା ଦୂତ ପଠାଇ ତାହାଙ୍କର ଦାସମାନଙ୍କୁ ଯେଉଁମାନେ ତାହାଙ୍କଠାରେ ଭରଷା କଲେ ସେମାନଙ୍କୁ ଉଦ୍ଧାର କଲେ ।



18

ଏକ ମନୁଷ୍ୟ ଯେ ନତ ହେଲେନାହିଁ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଦାନିୟେଲ ୩

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।